# CBSE
# Sample Question Paper - 2024 -25
# CLASS - X
# ODIA (013)

Time Allowed - 3 Hrs　　　　Maximum Marks - 80

## General Instruction :

1. The questions paper has total 14 questions and 6 printed pages.
2. It is divided into 4 Sections :
    - Section-A : Question No. 01 - 05 Questions-10 Marks
    - Section-B : Question No. 2 and 3 - 02 Questions - 12 Marks
    - Section-C : Question No. 4 to 7 - 04 Questions - 10 Marks
    - Section-D : Question No. 8 to 14 - 07 Questions - 48 Marks
3. Attempt the questions as per specific instruction.
4. Write down the serial number of the questions in the answer book before attempting it.
5. 15 minutes time has been allotted to read this question paper. The question paper will be distributed at 10.15 a.m. From 10.15 a.m to 10.30 a.m, the students will read the question paper only and will not write any answer on the answer book during this period.

## SECTION -A

1. ନିମ୍ନ ଅନୁଚ୍ଛେଦଟିକୁ ପଢ଼ି ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ। 5 X 2 = 10

ବ୍ୟକ୍ତିଗତ ସଫଳତାର ପ୍ରଭାବ ସୀମିତ ଓ କ୍ଷଣସ୍ଥାୟୀ। ଏହାଦ୍ୱାରା ବ୍ୟକ୍ତିବିଶେଷ ଉପକୃତ ହୁଏ ସିନା, ବୃହତ୍ତର ଜନସମାଜ ଉପକୃତ ହୋଇପାରେନାହିଁ। ଅପରପକ୍ଷରେ, ସାମଗ୍ରିକ ସଫଳତାର ପ୍ରଭାବ ସୁଦୂରପ୍ରସାରୀ ଓ ଦୀର୍ଘସ୍ଥାୟୀ ହୋଇଥାଏ। ଦେଶ ଜାତିର ମଙ୍ଗଳ ନିମନ୍ତେ ସାମଗ୍ରିକ ସଫଳତା ଏକାନ୍ତ କାମ୍ୟ। ନିଃସ୍ୱାର୍ଥପର ବ୍ୟକ୍ତିମାନେ ସମାଜର ମଙ୍ଗଳବିଧାନ ନିମନ୍ତେ ସର୍ବଦା ଚେଷ୍ଟିତ ଥାଆନ୍ତି। ସଂକୀର୍ଣ୍ଣତାର ଊର୍ଦ୍ଧ୍ୱକୁ ଯାଇ ଯେଉଁମାନେ ସାମୂହିକ କଲ୍ୟାଣ ଦିଗରେ ସମର୍ପିତ ହୋଇରହିଥାନ୍ତି, ସେମାନେ ଆମର ଚିର ନମସ୍ୟ। ସେହି ମହାମନାଗଣଙ୍କ ଅତୁଳନୀୟ ତ୍ୟାଗର ସୁପରିଣାମ ସମଗ୍ର ସମାଜ ଲାଭ କରିଥାଏ। ଅବଶ୍ୟ ପ୍ରାଥମିକ ଅବସ୍ଥାରେ ସେମାନଙ୍କୁ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ। ସ୍ଥଳବିଶେଷରେ ସେମାନଙ୍କୁ ନିନ୍ଦାର ମଧ୍ୟ ସାମନା କରିବାକୁ ପଡ଼େ। ମାତ୍ର, ନିଜ ଅବିଚଳିତ ଆଦର୍ଶ ଓ ଅତୁଳନୀୟ କର୍ମନିଷ୍ଠା ବଳରେ ତ୍ୟାଗୀଜନ ଲକ୍ଷ୍ୟ ପଥରେ ଆଗେଇ ଯାଇଥାଏ। କ୍ଷଣିକ ସଫଳତା ବା ବିଫଳତାରେ ପ୍ରଭାବିତ ହେବା ସାଧାରଣ ମଣିଷର ସ୍ୱଭାବ। ଅସାଧାରଣ ବ୍ୟକ୍ତିସତ୍ତା ଏସବୁଠୁଁ ଯଥେଷ୍ଟ ଦୂରରେ ରହିଥାଏ। ବାହାର ଲୋକଙ୍କ ମନ୍ତବ୍ୟ ଅପେକ୍ଷା ନିଜ ବିବେକର ଆହ୍ୱାନକୁ ଯିଏ ଅଧିକ ଗ୍ରହଣ କରିପାରେ ସିଏ ଭୁଲ୍ କରିବାର ଆଶଙ୍କାକୁ ଟାଳି ଦେଇଥାଏ। ନିଜ ଅନ୍ତରର ନିର୍ମଳ

ଆନନ୍ଦବୋଧ ବ୍ୟକ୍ତିକୁ ସମାଜ ପାଇଁ ନିରନ୍ତର ଭଲ କାମ କରିବାର ପ୍ରେରଣା ଯୋଗାଏ। ଭଲକାମ କୌଣସି ପୁରସ୍କାରକୁ ଅପେକ୍ଷା ନରଖି ଆପେଆପେ ପୁରସ୍କାର ପାଲଟିଯାଏ। ପରବର୍ତ୍ତୀ ସମୟରେ ଏହାର ଚର୍ଚ୍ଚା ସବୁଠି ହୁଏ।

(i) ତ୍ୟାଗୀଜନ କାହା ବଳରେ ଲକ୍ଷ୍ୟପଥରେ ଆଗେଇ ଯାଇଥାଏ ?

(ii) ସମାଜ ପାଇଁ ନିରନ୍ତର ଭଲ କାମ କରିବାର ପ୍ରେରଣା ବ୍ୟକ୍ତିକୁ କିଏ ଯୋଗାଏ ?

(iii) ସାଧାରଣ ମଣିଷର ସ୍ୱଭାବ କ'ଣ ?

(iv) ସାମଗ୍ରିକ ସଫଳତାର ପ୍ରଭାବ କିପରି ହୋଇଥାଏ ?

(v) ତ୍ୟାଗୀଜନମାନେ ଆମର ଚିରନମସ୍ୟ କାହିଁକି ?

## SECTION - B

2. ଯେ କୌଣସି ଗୋଟିଏ ବିଷୟରେ ରଚନା ଲେଖ। 1 X 6 = 6

(i) ମାନବସମ୍ବଳର ସୁବିନିଯୋଗ

(ii) ପରିବେଶ ସୁରକ୍ଷାରେ ବିଦ୍ୟାର୍ଥୀର ଭୂମିକା

(iii) ଜାତୀୟ ସଂହତି

3. 'ପୁସ୍ତକ ପଠନର ଉପଯୋଗିତା' ଶୀର୍ଷକ ତୁମର ଏକ ଲେଖା ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ ସ୍ଥାନୀୟ ସମ୍ବାଦପତ୍ର ସମ୍ପାଦକଙ୍କୁ ପତ୍ର ଲେଖ।

କିମ୍ବା 1 X 6 = 6

'ଭାରତବର୍ଷ ଓ ବିଶ୍ୱଶାନ୍ତି' ଶୀର୍ଷକ ତୁମ ଲିଖିତ ଏକ ପ୍ରବନ୍ଧ ପ୍ରକାଶନ ନିମନ୍ତେ ଅନୁରୋଧ ଜଣାଇ କୌଣସି ଏକ ସମ୍ବାଦପତ୍ରର ସମ୍ପାଦକଙ୍କୁ ପତ୍ର ଲେଖ।

(ବି.ଦ୍ର:- ପ୍ରକୃତ ନାମ ବା ଠିକଣା ବଦଳରେ 'କ' ବା 'ଖ' ପରି କାଳ୍ପନିକ ନାମ ବା ଠିକଣା ବ୍ୟବହାର କରାଯିବ।)

## SECTION -C

4. ଲକ୍ଷଣ, ଉଦାହରଣ ଓ ଯତିପାତ ସହ ଯେକୌଣସି ଗୋଟିଏ ଛନ୍ଦକୁ ବୁଝାଇ ଲେଖ। 1 X 4 = 4

(i) ଭାଗବତବାଣୀ

(ii) ବଙ୍ଗଳାଶ୍ରୀ

5. ସୂଚନା ଅନୁସାରେ ବାକ୍ୟଗୁଡ଼ିକୁ ପରିବର୍ତ୍ତନ କରି ଲେଖ। (ଯେକୌଣସି 2ଟିର) 2 X 1 = 2

(i) ଘରେ ଅଶାନ୍ତି ଉପୁଜିଛି, ତେଣୁ ମୁଁ ସଭାକୁ ଯାଇ ପାରୁନାହିଁ। (ସରଳବାକ୍ୟ କର)

(ii) ତୁମେ ଭଲ ପଢ଼ିଲେ ଭଲ ଫଳ ପାଇବ। (ଯୌଗିକବାକ୍ୟ କର)

(iii) ଅନ୍ଧାର ହୋଇଥିବାରୁ ଉଦ୍ଧାର କାର୍ଯ୍ୟ ବିଶେଷ ଆଗେଇ ପାରିଲା ନାହିଁ। (ଜଟିଳବାକ୍ୟ କର)

6. ନିମ୍ନଲିଖିତ ରୂଢ଼ିଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଠନ କର । (ଯେକୌଣସି 2ଟିର) 2 X 1 = 2

(i) ଅରଣ୍ୟରୋଦନ

(ii) ଭାଲୁ ଧରାଇବା

(iii) ପବନ ପରି ଧାଇଁବା

7. ଶୁଦ୍ଧ ପ୍ରୟୋଗ ଆଧାରରେ ଠିକ୍ କରି ଲେଖ । (ଯେକୌଣସି 2ଟିର) 2 X 1 = 2

(i) ଯାତାୟତ

(ii) ଶିକ୍ଷୟତ୍ରୀ

(iii) ସୂର୍ଯ୍ୟପରାଗ

## SECTION -D

8. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେକୌଣସି 1ଟିର) 1 X 5 = 5

(i) ଏହାର ଶେଷ ଫଳ କ'ଣ ହେବ, ତାହା ଭବିଷ୍ୟତ ଗର୍ଭରେ ନିହିତ, ବର୍ତ୍ତମାନ କେବଳ ପରୀକ୍ଷଣ ହିଁ ଚାଲିଛି ।

(ii) ମାତୃଭାଷାରେ ମନୁଷ୍ୟର ଯେଉଁ ସ୍ଫୂର୍ତ୍ତି ହୁଏ, ଅନ୍ୟ କୌଣସି ଦ୍ୱିତୀୟ ଭାଷାରେ ତା' ହୁଏ ନାହିଁ ।

9. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 3ଟିର) 3 X 2 = 6

(i) ଧର୍ମାନ୍ତର ପରେ ଲୋକର କି ପରିବର୍ତ୍ତନ ହୋଇଥାଏ ?

(ii) ଆମେ ସଭ୍ୟତା ଆଖ୍ୟା କାହାକୁ ଦେଇଥାଉ ?

(iii) କେଉଁ ଘଟଣାପାଇଁ ସ୍କଟଲାଣ୍ଡରେ ମାସ ମାସ ଧରି ଆନ୍ଦୋଳନ ଚାଲିଥିଲା ?

(iv) ସ୍ୱାମୀ ରାମକୃଷ୍ଣାନନ୍ଦ ମଠ ଛାଡ଼ି ବାହାରକୁ ଯାଇ ନଥିଲେ କାହିଁକି ?

(v) କିଭଳି ଲୋକ ଜୀବନ-ଯୁଦ୍ଧରେ ଦିଗ୍‌ବିଜୟୀ ବୀର ବୋଲି ପରିଚିତ ହୁଏ ?

10. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଗୁଡ଼ିକୁ ବାଛି ଲେଖ । 10 X 1 = 10

(i) 'ଜନ୍ମଭୂମି' ପ୍ରବନ୍ଧଟି କେଉଁ ଭାବନାରେ ପରିପୁଷ୍ଟ ?

(A)ଜୀବେଦୟା (B) ବସୁଧୈବ କୁଟୁମ୍ବକମ୍

(C) ପ୍ରକୃତିପ୍ରୀତି (D) ଆଧ୍ୟାତ୍ମିକ ଜାଗରଣ

(ii) ଗ୍ରାମର ନବଯୁବକମାନେ ପୁଷ୍ପିତ ପଳାଶବନରେ କ'ଣ ଦେଖନ୍ତି ?

(A) ଆହବର ରକ୍ତ (B) ଅନାଗତ ଯୁଗର ରକ୍ତକେତନ

(C) ବିଦ୍ରୋହର ବହ୍ନି (D) ପ୍ରାକୃତିକ ଶୋଭା

(iii) ମନୁଷ୍ୟ ବହୁପରିମାଣରେ କାହାର ଦାସ ?

(A) ଗତାନୁଗତିକତା

(B) କାୟକ୍ଲେଶ

(C) ଜନ୍ମଭୂମି

(D) ସ୍ୱାର୍ଥପରତା

(iv) ଆଧୁନିକ ସଭ୍ୟତା ତା’ର ଲକ୍ଷ୍ୟପଥରେ ପହଞ୍ଚିବା ପାଇଁ କାହାକୁ ପଥପ୍ରଦର୍ଶକ ରୂପେ ବରଣ କରିଛି ?

(A) ଧର୍ମ

(B) ବିଜ୍ଞାନ

(C) ସଭ୍ୟତା

(D) ଆଧ୍ୟାତ୍ମିକତା

(v) ବର୍ତ୍ତମାନ ବୈଜ୍ଞାନିକମାନେ କେଉଁ ପ୍ରକାର ପଦାର୍ଥ ସୃଷ୍ଟି କରିପାରିନାହାନ୍ତି ?

(A) ଶକ୍ତିସମ୍ପନ୍ନ

(B) ସ୍ଥାନାନ୍ତରକ୍ଷମ

(C) ଜୀବନ୍ତ

(D) ପ୍ରବହମାନ

(vi) ଜନତାର ପ୍ରଥମ ପ୍ରୟୋଜନ କ’ଣ ?

(A) ସୁଶାସନ

(B) ବିଦେଶୀ ଭାଷା

(C) ଆଞ୍ଚଳିକ ଭାଷା

(D) ଆର୍ଥିକ ଅନୁଦାନ

(vii) ଇଜ୍‌ରାଇଲ୍ ସହ କେଉଁ ଭାଷା ସମ୍ପର୍କିତ ?

(A) ହିନ୍ଦୀ

(B) ଇଂରାଜୀ

(C) ଆରବି

(D) ହିବ୍ରୁ

(viii) ‘ନରେନରୁ ବିବେକାନନ୍ଦ’ ପ୍ରବନ୍ଧଟି କେଉଁ ପୁସ୍ତକର ଅଂଶବିଶେଷ ?

(A) ଭାରତୀୟ ମନୀଷୀ

(B) ସ୍ୱାମୀ ବିବେକାନନ୍ଦ

(C) ସଂସ୍କୃତି ଅପସଂସ୍କୃତି

(D) ଛତ୍ରପତି ବିବେକାନନ୍ଦ

(ix) ବିବେକାନନ୍ଦଙ୍କର ପ୍ରଥମ ଶିଷ୍ୟ କିଏ ଥିଲେ ?

(A) ସୁରେଶଚନ୍ଦ୍ର ମିତ୍ର

(B) ଶରତଚନ୍ଦ୍ର ଗୁପ୍ତ

(C) ଶୁଦ୍ଧାନନ୍ଦ

(D) ରାମକୃଷ୍ଣାନନ୍ଦ

(x) ସମସ୍ତଙ୍କ ହୃଦୟରେ କାହାର ମହିମା ଜାଗ୍ରତ କରିବାପାଇଁ ବିବେକାନନ୍ଦ ଯତ୍ନ କରିଥିଲେ ?

(A) ଭକ୍ତି

(B) ତପସ୍ୟା

(C) ଅଧ୍ୟୟନ

(D) ସେବା

11. ସପ୍ରସଙ୍ଗ ସରଳାର୍ଥ ଲେଖ । (ଯେ କୌଣସି 1 ଟିର) 1 X 5 = 5

i. ଉତ୍କଳ ଶୂରବର-ଦର୍ପିତ ଗେହା,
ଅରିକୁଳ-ଶୋଣିତ-ଚର୍ଚ୍ଚିତ-ଦେହା ।

ii. ଭିନ୍ନ କରି ସେ ତନ୍ଦ୍ରାପରଶ
ହସାଅ ଭୁବନସାରା ।

12. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 3ଟିର) 3 X 2 = 6

(i) ସିଂଘନାଦ କିପରି ଗତି କରି ଭୀମଙ୍କ ହସ୍ତକୁ ଆସିଲା ?

(ii) ବରୁଣଙ୍କୁ ପ୍ରସନ୍ନ କରିବା ପାଇଁ ରାମଚନ୍ଦ୍ର କ'ଣ କଲେ ?

(iii) ନିଶୀଥିନୀର ପ୍ରଭାବକୁ କିଏ ପ୍ରଚାର କରୁଛି ?

(iv) ସରସ୍ୱତୀଙ୍କ ବୀଣାଝଙ୍କାର ସହିତ କାହାକୁ ତୁଳନା କରାଯାଇଛି ?

(v) କେଉଁ କର୍ମ ହେତୁ କବି ଏ ଦେଶକୁ ବୁଲିବାକୁ ଆସିଛନ୍ତି ?

13. ଉତ୍ତର ପର୍ଯ୍ୟାୟରୁ ଠିକ୍ ଉତ୍ତରଗୁଡ଼ିକୁ ବାଛି ଲେଖ । 10 X 1 = 10

(i) ପର୍ବତମାଳାଗୁଡ଼ିକ ଉତ୍କଳଜନନୀଙ୍କ ଦେହରେ କିଭଳି ଶୋଭାପାଉଛି ?

(A) ବୃତ୍ତାକାରରେ (B) ତରଙ୍ଗ ଆକାରରେ

(C) ସମାନ୍ତରାଳ ଭାବରେ (D) ସରଳରେଖାରେ

(ii) କଦଳୀପତ୍ର ପ୍ରାୟେ କିଏ କମ୍ପି ଉଠିଥିଲେ ?

(A) ବିଶ୍ୱନାଥ (B) ଦୁର୍ଯ୍ୟୋଧନ

(C) ମହାଲକ୍ଷ୍ମୀ (D) ଭୀମସେନ

(iii) ପିତୃବ୍ୟ କହିଲେ କାହାକୁ ବୁଝାଏ ?

(A) ବାପାଙ୍କର ବନ୍ଧୁ (B) ବାପାଙ୍କର ବଡ଼ଭାଇ

(C) ବାପାଙ୍କର ଗୁରୁ (D) ବାପାଙ୍କର ସାନଭାଇ

(iv) ''ଗଳାଣିତ ଗଳା କଥାରେ ସଙ୍ଗାତ''– ଏହି ପଦଟି କେଉଁ କାବ୍ୟର ଅଂଶବିଶେଷ ?

(A) ଚିଲିକା (B) କିଶୋରଚନ୍ଦ୍ରାନନ୍ଦ ଚମ୍ପୂ

(C) ମଥୁରାମଙ୍ଗଳ (D) ତପସ୍ୱିନୀ

(v) ଉଷା ନିର୍ଦ୍ଦେଶରେ କିଏ ନର୍ତ୍ତନ କରୁଥିଲେ ?

(A) ସମୀର (B) ଭ୍ରମର

(C) ସୁରଭି (D) କଳିଙ୍ଗ

(vi) କବି କ'ଣ ଲୁପ୍ତ ହେବାକୁ କହିଛନ୍ତି ?

(A) ଜାତି ଉପଜାତି (B) ପୀଡ଼ନର ପରବତ

(C) ଜୀର୍ଣ୍ଣ ଜୀବନ (D) କ୍ରନ୍ଦନ

(vii) ମନସୁଖ ଲାଗି କେଉଁଠାରେ ହସକଥା ଭରି ରହିଛି ?

(A) ଚେତନାରେ (B) ଗଛଲତାରେ

(C) ନଈ ସମୁଦ୍ରରେ (D) ଧୀର ପବନରେ

(viii) ଭୀମ କାହାକୁ ମାରି କୈଳାସ ଉଦ୍ଧାର କରିଥିଲେ ?

(A) ନିକଷା (B) ବକାସୁର

(C) ଜଳନ୍ଧର (D) ଅଶ୍ଳେଷା

(ix) ପାପମୂର୍ତ୍ତିର ରୂପ କିପରି ?

(A) ମାରାତ୍ମକ (B) ରମ୍ୟ

(C) ଅସ୍ପଷ୍ଟ (D) କୁତ୍ସିତ

(x) ମାଟିମାଆର ପ୍ରାଣକୁ କବି କାହା ସହିତ ତୁଳନା କରିଛନ୍ତି ?

(A) ପାହାଡ଼ ପଥର (B) ଚେତନାର ଚାବିକାଠି

(C) କଅଁଳ ପତର (D) କଅଁଳ ବିଛଣା

14. ସଂକ୍ଷେପରେ ଉତ୍ତର ଲେଖ । (ଯେକୌଣସି 6ଟିର) 6 X 1 = 6

(i) ଲେଖକ କେଉଁ ରାଜ୍ୟର ଲୋକ ବୋଲି କହିଛନ୍ତି ?

(ii) ଅଘନକ ଆକ୍ରମଣରେ କଳିଙ୍ଗର କ'ଣ ଧ୍ୱଂସ ହୋଇଛି ?

(iii) ଅଙ୍ଗଦ ଚଉଧୁରୀ କେଉଁ ବିଶ୍ୱବିଦ୍ୟାଳୟର ଛାତ୍ର ?

(iv) କିଏ ଅକୃତଜ୍ଞ ବୋଲି ନଟବର ବାବୁ ଭାବିଛନ୍ତି ?

(v) ବୈଶାଖ ମାସରେ କେତେବେଳେ ବାହାରକୁ ଗୋଡ଼ କାଢ଼ି ହୁଏ ନାହିଁ ?

(vi) ପୂରବୀ କାହା ଆଗରେ ବହିଟିକୁ ଟିକିନିଖି କରି ପଢ଼ନ୍ତି ?

(vii) କେଉଁ ଗଣ୍ଡ ଉପରେ ମନ୍ଦିର ତୋଳା ହେବାକୁ ସ୍ଥିର ହେଲା ?

(viii) ଧରମାକୁ କିଏ ସାହା ହେବ ବୋଲି ସେ ତା' ମାଆକୁ କହିଛି ?